ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in
News ID-IPR/Forest and Env.(OD)/1085/20-01-2020

# ଜଙ୍ଗଲ ବିଭାଗରେ ଦୁଇ ଜଣଙ୍କୁ ବାଧ୍ୟତାମୂଳକ ଅବସର

ଭୁବନେଶ୍ୱର, ଜାନୁଆରୀ ୨୦, ୨୦୨୧

ଆଜି ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ବିକ୍ରମ କେଶରୀ ଆରୁଖ ବାଲେଶ୍ୱର ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ କୁଲଡିହା ବନ୍ୟପ୍ରାଣୀ ରେଞ୍ଜ୍‌ର ସହକାରୀ ବନ ସଂରକ୍ଷକ(ଏ.ସି.ଏଫ୍.) ଶ୍ରୀ ଲକ୍ଷ୍ମଣ ପ୍ରଧାନ ଓ ସୁନ୍ଦରଗଡ଼ ବିଶ୍ରା ରେଞ୍ଜ୍‌ର ଫରେଷ୍ଟର ଶ୍ରୀ ଭରତ କୁମାର ଘଡ଼େଇଙ୍କୁ ଦୁର୍ନୀତି, ଆୟ ବର୍ହିଭୂତ ସମ୍ପତ୍ତି ଠୁଳ, କର୍ତ୍ତବ୍ୟରେ ଅବହେଳା ଆଦି କାରଣରୁ ଜଙ୍ଗଲ ଓ ପରିବେଶ ବିଭାଗର ଚାକିରିରୁ ବାଧ୍ୟତାମୂଳକ ଅବସର ପ୍ରଦାନ କରିଛନ୍ତି ।

ସୂଚନାଯୋଗ୍ୟ ଯେ, ଏ.ସି.ଏଫ୍ ଲକ୍ଷ୍ମଣ ପ୍ରଧାନଙ୍କ ବିରୁଦ୍ଧରେ ମାନ୍ୟବର ଲୋକପାଳଙ୍କ ନିକଟରେ ବହୁ ଦୁର୍ନୀତି ଅଭିଯୋଗରେ ଏକ କେଶ୍ ଦାୟର ହୋଇଥିଲା ଓ ସେ ନିଲମ୍ବିତ ହୋଇଥିଲେ । ସାଧାରଣ ପ୍ରଶାସନ (ଭିଜିଲାନ୍‌ସ) ବିଭାଗ ତାଙ୍କ ବିରୁଦ୍ଧରେ କର୍ତ୍ତବ୍ୟରେ ଅବହେଳା, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଯୋଗୁଁ ଶୃଙ୍ଖଳାଗତ ପ୍ରୋସିଡିଂ ଆରମ୍ଭ କରିଥିଲା । କୁଲଡିହା ବନ୍ୟପ୍ରାଣୀ ରେଞ୍ଜ୍‌ରେ ଦାୟିତ୍ୱରେ ଥିବା ବେଳେ ସ୍ଥାନୀୟ ଜଙ୍ଗଲରେ ଗୋଟିଏ ମୃତ ଓ ଗଳିତ ପୁରୁଷ ହସ୍ତୀ ମିଳିଥିଲା ଯାହାର ଦାନ୍ତ ଦୁଇଟିକୁ କାଟି ନିଆଯାଇଥିଲା । ଏ.ସି.ଏଫ୍ ଲକ୍ଷ୍ମଣ ପ୍ରଧାନ ଆଉ ଅଧିକ ଦିନ ଚାକିରିରେ ରହିବା ଜନସ୍ୱାର୍ଥ ବିରୋଧୀ ବୋଲି ହୃଦୟଙ୍ଗମ କରି ମନ୍ତ୍ରୀ ଶ୍ରୀ ଆରୁଖ ତାଙ୍କୁ ଚାକିରିରୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି ।

ସୁନ୍ଦରଗଡ଼ ବିଶ୍ରା ରେଞ୍ଜ୍‌ର ଫରେଷ୍ଟର ଶ୍ରୀ ଭରତ କୁମାର ଘଡ଼େଇଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗରେ ଭିଜିଲାନ୍‌ସ ବାରମ୍ବାର ମାମଲ ଦାୟର କରିଥିଲା । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ, ଅପରାଧିକ କାର୍ଯ୍ୟକଳାପ ଆଦି କାରଣ ଯୋଗୁଁ ଏସବୁ ମାମଲା ଏବେ ମଧ୍ୟ ବିଚାରାଧୀନ ରହିଛି । ଫରେଷ୍ଟର ଶ୍ରୀ ଭରତ କୁମାର ଘଡ଼େଇ ଆଉ ଅଧିକ ଦିନ ଚାକିରୀରେ ରହିବା ଜନସ୍ୱାର୍ଥ ବିରୋଧୀ ବୋଲି ହୃଦୟଙ୍ଗମ କରି ମନ୍ତ୍ରୀ ଶ୍ରୀ ଆରୁଖ ତାଙ୍କୁ ଚାକିରିରୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି ।

ପ୍ରକାଶ ଥାଉ କି, ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ୫–'ଟି'ରେ ଦୁର୍ନୀତିଗ୍ରସ୍ତ, ଅପାରଗ ଓ କର୍ତ୍ତବ୍ୟରେ ଘୋର ଅବହେଳା ପ୍ରଦର୍ଶନ କରି ଆସୁଥିବା ସରକାରୀ କର୍ମଚାରୀ ଓ ଅଧିକାରୀମାନଙ୍କୁ ଚାକିରିରୁ ବାଧ୍ୟତାମୂଳକ ଅବସର ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ୫–'ଟି' ଅନୁପାଳନ କରାଯାଇ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଏହିଭଳି କର୍ମଚାରୀ ଓ ଅଧିକାରୀମାନଙ୍କୁ ଚାକିରିରୁ ବାଧ୍ୟତାମୂଳକ ଅବସର ଦିଆଯାଇ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯାଉଛି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ